OPPO Reno7 5G
DIPRO ANGL | 2023.10.10 18:49

ପ୍ରେସ୍ ନୋଟ୍

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ।

ଅନୁଗୋଳ ତା. ୧୦.୧୦ :- ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ' ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ-୨୦୨୩ ' ପାଳିତ ହୋଇଯାଇଛି । ପ୍ରଥମେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ପ୍ରଣବ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଗୀମାନଂକ ସ୍ୱାସ୍ଥ୍ୟ ଅବସ୍ଥା ପଚାରିବା ସହ ଫଳ ବଣ୍ଟନ କରିଥିଲେ । ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ.ଶିବାନନ୍ଦ ମହାନ୍ତି,ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ରଞ୍ଜିତା ଜ୍ୟୋତିଷ,ଫ୍ୟାମିଲି କୋର୍ଟ ଜଜ୍ ଶ୍ରୀ ସଦାଶିବ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଇନ୍ଦିରା ପ୍ରିୟଦର୍ଶିନୀ, ଜିଲ୍ଲା ଆଇନ୍ ସହାୟତା ପ୍ରାଧିକରଣ ସଚିବ ଶ୍ରୀ କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ପରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ପାଳନର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମାନସିକ ରୋଗ ବିଶେଷଜ୍ଞ ଡ.ରଶ୍ମିତା ଭଞ୍ଜଦେଓ ମାନସିକ ଚାପର ଲକ୍ଷଣ ଓ ନିରାକରଣ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ । ମାନସିକ ରୋଗର ଲକ୍ଷଣ ଯେପରି ବହୁ ଦିନ ଧରି ରାତିରେ ନିଦ ନ ହେବା, ମନରେ ଅତ୍ୟଧିକ ଭୟ ଲାଗି ରହିବା, ଅନ୍ୟକୁ ସନ୍ଦେହ କରିବା, ହଠାତ୍ ରାଗିଯିବା,ଅତ୍ୟଧିକ ଦୁଃଖ ଅନୁଭବ କରିବା, ମୌନ ରହିବା, ଅନ୍ୟ ମନସ୍କ ରହିବା, ବାରମ୍ବାର ଗୋଟିଏ କାମକୁ କରିବା, ହତାଶ ଅନୁଭବ କରିବା ଓ ଶେଷରେ ଆତ୍ମହତ୍ୟା ଭାବନା ମନରେ ଆସିବା ଇତ୍ୟାଦି ଯଦି କୌଣସି ବ୍ୟକ୍ତି ପାଖରେ ଦେଖାଯାଏ ତାଙ୍କୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ପରାମର୍ଶ ନେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ଚିକିତ୍ସାଳୟରେ ବିନା ମୂଲ୍ୟରେ ମାନସିକ ରୋଗୀମାନଂକ ପାଇଁ ଔଷଧ ଉପଲବଧ ଅଛି ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଡି ଏମ୍ ଓ ଡ. ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ଆଶା,ନର୍ସିଂ ଛାତ୍ରୀ ଓ ପାରାମେଡିକାଲ ଷ୍ଟାଫ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୯୮ ତା.୧୦.୧୦.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(signature) 10/10/23
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।


ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
୧୦ ଅକ୍ଟୋବର ୨୦୨୩




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
୧୦ ଅକ୍ଟୋବର ୨୦୨୩
ସାମାଜିକ ଓ ପାରିବାରିକ
ସହଯୋଗ ତଥା ଯତ୍ନ ମାନସିକ
ରୋଗକୁ ପ୍ରତିରୋଧ କରିବା
ସହିତ ତତ୍‌ଜନିତ ସମସ୍ୟାର
ମୁକାବିଲା କରି ପାରିବ